# Akashvani, Sambalpur

# SAMBALPURI NEWS MORNING BULLETIN

## 12 March 2026 - 6.47- 6.52 am.

---

ମଧ୍ୟପ୍ରାଚ୍ୟ ଓଡ଼ିଆ            ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ଯୁଦ୍ଧ ପ୍ରଭାବିତ୍ ମଧ୍ୟପ୍ରାଚ୍ୟ ନ ଫସି ରହିଥିବା ଓଡ଼ିଆମାନ୍‌କୁ ଉଦ୍ଧାର କର୍‌ବାର ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର୍ ସୂଚ୍‌ନା ଅନ୍‌ସାରେ, ଗଲା ୨ ତାରିଖ୍‌ଦିନ ଇ ବାବ୍‌ଦେ ମୁଖ୍ୟ ଶାସନ ସଚିବଙ୍କର ଅଧ୍ୟକ୍ଷତାଥି ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଥିଲା । ମଧ୍ୟପ୍ରାଚ୍ୟନୁ ଓଡ଼ିଆମାନ୍‌କୁ ସୁରକ୍ଷିତ୍ ଫିରେଇ ଆନ୍‌ବାର ଲାଗି ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ସ୍ୱତନ୍ତ୍ର ଅଧିକାରୀଙ୍କୁ ନୋଡାଲ୍ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛେ । ଏବ୍‌ତକ୍ ଯୁଦ୍ଧ ଇଲାକାନୁ ଉଦ୍ଧାର ଲାଗି ୨ ଶହନୁ ଅଏତ୍‌କା ଫୋନ୍ କଲ୍ ଆସିଛେ । ଓଡ଼ିଆମାନ୍‌ଙ୍କୁ ଉଦ୍ଧାର କର୍‌ବାର୍ ଲାଗି ରାଜ୍ୟ ସରକାର

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସଙ୍ଗେ ମିଶିକରି ଚେରେଷ୍ଟା ଚଲେଇଛନ୍ ବଲି ସୂଚ୍ନା ଦିଆଯାଇଛେ ।

ମହିଲା ଶିଶୁ ବିକାଶ ବିଭାଗ୍ ଖର୍ଚ୍ଚା          ଆଇ.ଆଣ୍ଡ୍.ପି.ଆର୍

ମହିଲା ଆଉ ଶିଶୁ ବିକାଶ ବିଭାଗ୍ ଆଉ ମିଶନ୍ ଶକ୍ତି ବିଭାଗ୍ ଲାଗି ଇ ବଛର୍ ବଜେଟ୍‌ଥି ୧୮ ହଜାର ୯ ଶହ ୫୭ କୋଟି ଟଙ୍କାର ବ୍ୟୟବରାଦ୍ କରାଯାଇଛେ । ସେଥିର୍ ଭିତ୍‌ରେ ୧୬ ହଜାର ଶହେ ୫୨ କୋଟି ୯୨ ଲାଖ୍ ଟଙ୍କା ମହିଲା ଆଉ ଶିଶୁ ବିକାଶ ବିଭାଗ ଲାଗି ଅନୁମୋଦନ୍ କରାଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ ଆଉ ବିଭାଗର୍ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଭୁବନେଶ୍ୱର ନ ଗଲାକାଏଲ୍ ସାମ୍ବାଦିକ୍‌ମାନ୍‌ଙ୍କୁ ସୂଚ୍ନା ଦେଇକରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍, ଇ ବଛର୍ ବଜେଟ୍‌ଥି ଖାସ୍ କରି ମହିଲା ସଶକ୍ତୀକରଣ, ଶିଶୁ କଲ୍ୟାଣ, ପୁଷ୍ଟି ଆଉ ଜୀବିକା ବିକାଶ୍ ଉପ୍‌ରେ ଜୋର୍ ଦିଆଯାଇଛେ । ଇ ଟଙ୍କା ରାଜ୍ୟ ସରକାରଙ୍କର୍ ତର୍‌ଫୁ ମୁଲ୍ ହେବାର୍‌କେ ଥିବା ସମୃଦ୍ଧ ଅଙ୍ଗନୱାଡ଼ି ଯୋଜ୍‌ନା, ସମନ୍ୱିତ୍ ବାତ୍ସଲ୍ୟ ଯୋଜ୍‌ନା, କଲିକା, ସୁଭଦ୍ରା ଶକ୍ତି ସମ୍ବାଦ ଆଉ ୱେଲ୍‌ନେସ୍ କେନ୍ଦ୍ର,

ଶିଶୁ ଖାଦ୍ୟ କେନ୍ଦ୍ର, ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଲ ଯୋଜ୍‌ନା ବାଗିର୍ ପ୍ରମୁଖ ଯୋଜ୍‌ନା ଲାଗି ଖର୍ଚ୍ଚା କରାଯିବା । ସେନ୍ତା କାର୍ଯ୍ୟକାରୀ ହଉଥିବା ଭିନ୍ ଭିନ୍ ଯୋଜ୍‌ନା ଲାଗି ଖର୍ଚ୍ଚା କରାଯିବା ବଲି ଶ୍ରୀମତୀ ପରିଡ଼ା ସୂଚ୍‌ନା ଦେବାର୍ ସହେତେ ବିଭାଗ୍‌ୱାରି ଖର୍ଚ୍ଚା ଉପ୍‌ରେ ତଥ୍ୟ ରଖିଛନ୍ ।

ରନ୍ଧା ଗେସ୍ ସ୍ଥିତି ସମୀକ୍ଷା      ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶା ନ ରନ୍ଧା ଗେସ୍, ପେଟ୍ରୋଲ୍ ଆଉ ଡିଜେଲ୍ ମହଜୁଦ୍ ସହେତେ ଖାଉଟିମାନ୍‌ଙ୍କୁ ଯୋଗାଣ ସୁନିର୍ଶ୍ଚିତ୍ କର୍‌ବାର ଲାଗି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଜୋର୍ ଦେଇଛନ୍ । ଗଲାକାଏଲ୍ ଭୁବନେଶ୍ୱର ନ ଭିନ୍ ଭିନ୍ ବିଭାଗର୍ ସଚିବ ଆଉ ସବୁ ଜିଲ୍ଲାର୍ ଜିଲ୍ଲାପାଲ୍‌ମାନ୍‌ଙ୍କର ସଙ୍ଗେ ଆଲୋଚନା କରି ଶ୍ରୀମତୀ ଗର୍ଗ କହିଛନ୍, ରନ୍ଧା, ଗେସ୍ ଆଉ ଇନ୍ଧନ୍ ବାବ୍‌ଦେ ତେଲ୍ କମ୍ପାନୀମାନ୍‌କର ସଙ୍ଗେ ଆଲୋଚନା କରାଯାଇଛେ । ଇଛ୍‌ନିର୍ ସମିଆଥି ରନ୍ଧା ଗେସ୍ ଯୁଗାବାର୍ ଲାଗି କିଛି ସମସ୍ୟା ନାଇଁ ନ ବଲି କମ୍ପାନୀମାନେ କହିଛନ୍ । ମାତର୍‌କ ଗେସ୍ ଅଭାବ୍ ଗୁଜବ୍ ଲାଗି

ଖାଉଟିମାନ୍‌କର ତର୍‌ଫୁ ଆଇ ଶୃଙ୍ଖଳା ସ୍ଥିତି ଦେଖାଯିବାର୍ ଆଶଙ୍କା ରହିଛେ । ଇଥିର୍ ଲାଗି ସତର୍କ ରହେବାର୍‌କେ ଶ୍ରୀମତୀ ଗର୍ଗ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍ ସହେତେ ସ୍ଥିତି ଫିଦିନ୍ ନିରୀକ୍ଷଣ ଲାଗି ରାଜ୍ୟ ଆଉ ଜିଲ୍ଲାସ୍ତରେ କମିଟି ଗଠନ୍ କର୍‌ବାର୍‌କେ ପରାମର୍ଶ ଦେଇଛନ୍ ।

ସଡ଼କ ସୁରକ୍ଷା ସଚେତନତା କଟକ ସମ୍ବାଦଦାତା

ସଡ଼କ ଦୁର୍ଘଟଣା ଆଉ ଇଥି ହଉଥିବା ଧନ୍‌ଜୀବନ୍ ହାନି ରୁକ୍‌ବାର୍ ଲାଗି ମାର୍ଚ୍ଚ ୨୧ ନୁ ୩୧ ତାରିଖ୍‌ତକ୍ ପରିବହନ୍ ବିଭାଗ୍ ତର୍‌ଫୁ ସାରା ରାଏଜେ ଧରପଗଡ଼ ଆଉ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରାଯିବା । ଅଭିଯାନ୍‌ଥି ବାର୍ ବାର୍ ଦୁର୍ଘଟଣା ଘଟୁଥିବା ଜାଗା, ରାଜପଥ, ପ୍ରମୁଖ୍ ଛକ୍, ଖଣି ଆଉ ଶିଳ୍ପାଂଚଲ୍‌ମାନ୍‌କେ ଅଏତ୍‌କା ଯାଂଚ୍ କରାଯିବା । ନିଶା ଖାଇକରି ଆଉ ଜୋର୍‌ରେ ଗାଡ଼ି ଚଲଉଥିବା ଲୁକ୍‌କୁ କାବୁ କର୍‌ବାର ଲାଗି ପୁଲିସ୍‌ର ସହଯୋଗ୍‌ଥି କଡ଼ା ଯାଂଚ୍ କରାଯିବା ବଲି ପରିବହନ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ପୂର୍ତ ବିଭାଗ ସମୀକ୍ଷା ବୈଠକ୍ ଆଇ.ଆଣ୍ଡ୍.ପି.ଆର୍

ରାଏଜେ ଚାଲୁଥିବା ଭିନ୍ ଭିନ୍ ନିର୍ମାଣ ପ୍ରକଳ୍ପକେ ଅଏତ୍କା ଫଟିକ୍ ଆଉ ତୁର୍‌ତି କର୍‌ବାର୍ ଲାଗି ଗଲାକାଏଲ୍ ଭୁବନେଶ୍ୱର ନ ପୂର୍ତ ବିଭାଗର୍ ଗୁଟେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍ ହେଇଯାଇଛେ । ପୂର୍ତ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ ବୈଠକ୍‌ଥି ଅଧ୍ୟକ୍ଷତା କରି କରି ଆଏବା ୧୫ ଦିନ୍ ଭିତ୍‌ରେ ସଂଶୋଧିତ୍ ସେଡ୍ୟୁଲ୍ ଅଫ୍ ରେଟ୍‌ସ ଧାରିଜ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌ଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଇ ବ୍ୟବସ୍ଥା ଜରିଏ ନିର୍ମାଣ ଦରବ୍, ଶ୍ରମିକ ଆଉ ଯନ୍ତ୍ରପାତିର୍ ଦର୍‌ଦାମ୍ ଧାରିଜ୍‌ଥି ସମାନ୍‌ତା ଅନାଯିବାର୍ ସହେତେ ପ୍ରକଳ୍ପ ଅଟକଳ ଆଉ ପାଉଣା ପ୍ରକ୍ରିୟା ଆହୁରି ସହଜ୍ ହେବା । ବିଭାଗର୍ କାମ୍‌କାଜ୍‌କେ ତୁର୍‌ତି କର୍‌ବାର୍ ଲାଗି ଅତ୍ୟାଧୁନିକ୍ ବ୍ୟବସ୍ଥା ମାନ୍ ଲାଗୁ କର୍‌ବାର୍‌କେ ମନ୍ତ୍ରୀ ପରାମର୍ଶ ଦେଇଛନ୍ । ନିର୍ମାଣ କ୍ଷେତ୍ରଥି ନୂଆ ଜ୍ଞାନ୍ କୌଶଲ୍‌ର ବେଭାର୍ ଲାଗି କେନ୍ଦ୍ରୀୟ ସଡ଼କ ଗବେଷଣା ପ୍ରତିଷ୍ଠାନ୍ ଢାଂଚାଥି ଓଡ଼ିଶାନ ଗୁଟେ ସ୍ୱତନ୍ତ୍ର ଗବେଷଣା କେନ୍ଦ୍ର ଥାପ୍‌ନା ଲାଗି ବୈଠକ୍‌ଥି ଆଲୋଚନା ହେଇଥିଲା ।

ଉଦ୍ୟାନ କୃଷି ବିଭାଗ ସମୀକ୍ଷା        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ ମଧୁସୂଦନ୍ ଦାସଙ୍କର ଅଧ୍ୟକ୍ଷତାଥି ଗଲାକାଏଲ୍ ଜିଲ୍ଲା ଉଦ୍ୟାନ କୃଷି ବିଭାଗର୍ ଭିନ୍ ଭିନ୍ ଯୋଜ୍ନାର ସମୀକ୍ଷା ବୈଠକ୍ ହେଇଯାଇଛେ । କୃଷି ଉନ୍ନତି ମିଶନ୍‌ଥି ୫ଟା ବ୍ଲକ୍ ନ ୫୫ ଏକଡ଼ ଜମିଥି ନୂଆ ଆମ୍ ବଗ୍‌ଚା, ୫ ଏକଡ଼ ଜମିଥି ଅମୃତଭଣ୍ଡା ବଗ୍‌ଚା କରାଯାଇଛେ ବଲି ବୈଠକ୍‌ଥି ସୂଚ୍‌ନା ଦିଆଯାଇଛେ । ଇତାର୍ ସହେତେ ବିଭାଗର୍ ଯୋଜ୍‌ନାମାନ୍‌କର ସଫଲ୍ ରୁପାୟନ୍ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ଭିନ୍ନକ୍ଷମ ବିଭାଗ୍ ସମୀକ୍ଷା        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍‌ର ମାସିକ୍ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ଜିଲ୍ଲା ନ ଇହାଦେ ୧ ଲାଖ୍ ୧୦ ହଜାର୍‌ନୁ ଅଏତ୍‌କା ହିତାଧିକାରୀ ବାର୍ଦ୍ଧକ୍ୟ ଭିନ୍ନକ୍ଷମ ସହେତେ ଭିନ୍ ଭିନ୍ ଭତା ପାଉଛନ୍ । ବିବାହ

ପ୍ରୋତ୍ସାହନ୍ ଯୋଜ୍ନା, ଭିନ୍ନକ୍ଷମ ଛାତ୍ରବୃତି ଯୋଜ୍ନା ବାଗିର୍ ଯୋଜ୍ନା ମାନ୍କେ ଦିଆଯାଉଥିବା ସାହାଜ୍ ବାବ୍ଦେ ଭିଲ୍ ବୈଠକ୍ଥି ଆଲୋଚନା କରାଯାଇଥିଲଶ ।

ମହିଳା ଆଇନ ସଚେତନତା ସୁବର୍ଣ୍ଣପୁର ଜିଲ୍ଲାପାଲ

ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ଆଉ ବିନିକା ବ୍ଲକ୍ ନ ମହିଳାଙ୍କର୍ ଅଧିକାର ଆଉ ଭିନ୍ ଭିନ୍ ଯୋଜ୍ନା ବାବଦ୍ ନ୍ୟାୟିକ ସଚେତନତା କାର୍ଯ୍ୟକ୍ରମ ହେଇଯାଇଛେ । ଦୁହି କାର୍ଯ୍ୟକ୍ରମ୍ଥି ଓଡ଼ିଶା ମହିଳା ଆୟୋଗ୍ର ସଦସ୍ୟା ମୁକ୍ତା ସାହୁ ଅଧକ୍ଷତା କରିଥିଲେ । ଅତିରିକ୍ତ ଜିଲ୍ଲାପାଲ ସାଧାରଣ ଅଞ୍ଜଳିନା ପ୍ରଧାନ ବିନିକା ନ ଆଉ ଅତିରିକ୍ତ ଜିଲ୍ଲାପାଲ ରାଜସ୍ୱ ରାଜେନ୍ଦ୍ର ମାଝୀ ସୋନପୁର କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇକରି ମହିଳାମାନ୍କର ଅଧିକାର୍ ବାବ୍ଦେ ସଚେତନ୍ କରିଥିଲେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦର୍‌ଗଡ଼୍, ଦେବଗଡ଼ ସହେତେ ୯ ଜିଲ୍ଲାର୍ ଗୁଟେ କି ଦୁଇଟା ଜାଗା ନ ଧୁକାଗର୍ଢ଼ି ସହେତେ ହାଲ୍‌କା ନୁ ମଧମ୍ ଧରଣ୍‌ର ବର୍ଷା ହେଇପାରେ । ରାଜ୍ୟର୍ ବାକି ଇଲାକା ନ ପାଗ୍ ଶୁଖା ରହେବା । ଆଏବା ୨ ଦିନ୍ ଭିତ୍‌ରେ ଦିନର୍ ତାପମାତ୍ରା ଆହୁରି ୨ ନୁ ୩ ଡିଗ୍ରୀତକ୍ ବଢ଼ିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର ତର୍‌ଫୁ ଅନୁମାନ୍ କରାଯାଇଛେ ।